# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**22nd July - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ଆରମ୍ଭ ହେଲା ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ।

— ୨୦୨୯ ସୁଦ୍ଧା ରାଜ୍ୟରେ ସାଢ଼େ ୩ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି, କହିଲେ ରାଜ୍ୟପାଳ ।

- ସଂସଦର ମୌସୁମୀ ଅଧିବେଶନର ଆଜି ପ୍ରଥମ ଦିନରେ ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ ।

— ଦେଶର ଜି.ଡି.ପି. ୬ ଦଶମିକ ୫ରୁ ୭ ପ୍ରତିଶତ ମଧ୍ୟରେ ରହିବା ଆକଳନ ।

- ସୁପ୍ରିମ୍‌କୋର୍ଟରେ ନୀଟ୍-ୟୁ.ଜି. ପ୍ରବେଶିକା ପରୀକ୍ଷା ଅନିୟମିତତା ମାମଲାର ଶୁଣାଣି ।

— ଆଇ.ଆଇ.ଟି ଦିଲ୍ଲୀ ନିର୍ଦ୍ଦେଶକଙ୍କୁ ବିଶେଷଜ୍ଞ କମିଟି ଗଠନ କରି ପ୍ରଶ୍ନପତ୍ର ସମୀକ୍ଷା କରିବାକୁ ନିର୍ଦ୍ଦେଶ ।

ଏବଂ

- ସୁଦୃଶ ଲଘୁଚାପ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ।

*Desk*

# ସପ୍ତଦଶ ବିଧାନସଭା

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ବୈଠକ ଆରମ୍ଭରେ ରାଜ୍ୟପାଳ ରଘୁବର ଦାସ ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରିଥିଲେ। ସେମାନଙ୍କ ସମ୍ମାନାର୍ଥେ ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକପ୍ରସ୍ତାବ ଗ୍ରହଣ ହେବା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଆଜି ଦିନର ଅବଶିଷ୍ଟ କାର୍ଯ୍ୟକ୍ରମକୁ ବାତିଲ କରାଯାଇ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା।

ସୂଚନା ଅନୁସାରେ ଆସନ୍ତା ଗୁରୁବାର ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ । ଚଳିତ ଅଧିବେଶନରେ ମୋଟ୍ ୨୭ଟି କାର୍ଯ୍ୟଦିବସ ରହିଛି ।

*Desk*

# ରାଜ୍ୟପାଳଙ୍କ ଅଭିଭାଷଣ

ସମୃଦ୍ଧ, ସଶକ୍ତ ଏବଂ ବିକଶିତ ଓଡ଼ିଶା ଗଠନ ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ। ଆସନ୍ତା ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନପାଇଁ

ପଦକ୍ଷେପ ନିଆଯାଉଛି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି । ସପ୍ତଦଶ ବିଧାନସଭାର ପ୍ରଥମ ଦିନରେ ଆଜି ଗୃହରେ ଅଭିଭାଷଣ ପ୍ରଦାନ କରି ରାଜ୍ୟପାଳ କହିଛନ୍ତି, ୨୦୨୯ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ୫୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ସେହିଭଳି ଖାଲି ପଡ଼ିଥିବା ଦେଢ଼ ଲକ୍ଷ ସରକାରୀ ପଦବୀରେ ନିଯୁକ୍ତି ସୁନିଶ୍ଚିତ ହେବ ଏବଂ ଆସନ୍ତା ଦୁଇ ବର୍ଷ ମଧ୍ୟରେ ୬୫ ହଜାର ପଦବୀ ପୂରଣ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି ।

***Voice :.........***

ରାଜ୍ୟପାଳ କହିଛନ୍ତି, ସରକାର ସମସ୍ତଙ୍କପାଇଁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ଯୋଜନା ରଖିଛନ୍ତି । ସେହିଭଳି ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଦୁର୍ନୀତି ନିରାକରଣ ଲାଗି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ । ବିଭିନ୍ନ ଅଭିଯୋଗର ସମାଧାନ ତଥା ଦୁର୍ନୀତି ସମ୍ପର୍କିତ ଅଭିଯୋଗର ତଦାରଖପାଇଁ ଏକ ୱେବ୍ ପୋର୍ଟାଲ୍ ପ୍ରଚଳନ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି । ସେ କହିଛନ୍ତି, ରାଜ୍ୟରେ କୃଷକମାନଙ୍କୁ ଉନ୍ନତି, ମହିଳା ସଶକ୍ତୀକରଣ ଏବଂ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ । ଶିଳ୍ପ ଓ ଭିତ୍ତିଭୂମିର ବିକାଶ, ପ୍ରାକୃତିକ ସମ୍ପଳର ସ୍ଥାୟୀ ଉପଯୋଗ, କୃଷି ଉତ୍ପାଦକତାରେ ବୃଦ୍ଧି, ଶିକ୍ଷା ଓ ଦକ୍ଷତା ବିକାଶ, ପର୍ଯ୍ୟଟନକୁ ପ୍ରୋତ୍ସାହନ, ଉଦ୍ଭାବନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଓଡ଼ିଶାକୁ ପୂର୍ବଭାରତରେ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ସେ କହିଛନ୍ତି, ସମୃଦ୍ଧ କୃଷକ ନୀତି ପ୍ରଚଳନ କରି

ଓଡ଼ିଶାରେ କୃଷିକ୍ଷେତ୍ରରେ ପରିବର୍ତ୍ତନ ଅଣାଯିବ । ଏହି ନୀତି ଅନୁସାରେ କ୍ୱିଣ୍ଟାଲ୍ ପିଛା ୩୧ ଶହ ଟଙ୍କାରେ ଧାନ କିଣାଯିବ ଏବଂ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ମାଧ୍ୟମରେ ୪୮ ଘଣ୍ଟା ମଧ୍ୟରେ ଦେୟ ପ୍ରଦାନ କରାଯିବ ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି ।

***Desk***

# ସଂସଦ - ମୌସୁମୀ ଅଧିବେଶନ

ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୩-୨୪ ଆର୍ଥିକ ବର୍ଷପାଇଁ ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିଛନ୍ତି । ଏଥିରେ ଚଳିତ ଆର୍ଥିକ ବର୍ଷରେ ଦେଶର ସକଳ ଘରୋଇ ଉତ୍ପାଦ - ଜି.ଡି.ପି. ୬ ଦଶମିକ ୫ରୁ ୭ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ସର୍ବେକ୍ଷଣରେ ଦର୍ଶାଯାଇଛି, ଭିତ୍ତିଭୂମି ନିର୍ମାଣ ଚାହିଦା ଯୋଗୁଁ ୨୦୨୪-୨୫ ଆର୍ଥିକ ବର୍ଷରେ ନିର୍ମାଣ କାର୍ଯ୍ୟ ବୃଦ୍ଧି ପାଇ ୯ ଦଶମିକ ୯ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି । ସୂଚନା ଅନୁସାରେ ଅର୍ଥମନ୍ତ୍ରୀ ଆସନ୍ତାକାଲି ସଂସଦରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ଚଳିତ ଅଧିବେଶନରେ ମୋଟ୍ ୧୯ଟି କାର୍ଯ୍ୟଦିବସ ରହିଥିବାବେଳେ ଏହା ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

*Desk*

# ସୁପ୍ରିମ୍‌କୋର୍ଟ - ନୀଟ୍-ୟୁ.ଜି.

ସୁପ୍ରିମ୍‌କୋର୍ଟରେ ଆଜି ନୀଟ୍-ୟୁ.ଜି. ପ୍ରବେଶିକା ପରୀକ୍ଷା ଅନିୟମିତତା ମାମଲାର ଆବେଦନଗୁଡ଼ିକର ଶୁଣାଣି ହୋଇଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼୍, ଜଷ୍ଟିସ୍ ଜେ.ବି. ପର୍ଦ୍ଦିଓ୍ୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଆଇ.ଆଇ.ଟି. ଦିଲ୍ଲୀର ନିର୍ଦ୍ଦେଶକଙ୍କୁ ତିନି ଜଣିଆ ବିଶେଶଷ କମିଟି ଗଠନ କରି ନୀଟ୍-ୟୁ.ଜି. ୨୦୨୪ ମେଡିକାଲ୍ ପ୍ରବେଶିକା ପରୀକ୍ଷାର ପଦାର୍ଥ ବିଜ୍ଞାନ ପ୍ରଶ୍ନପତ୍ରର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଆସନ୍ତାକାଲି ମଧ୍ୟାହ୍ନ ୧୨ଟା ସୁଦ୍ଧା ବିଶେଷଜ୍ଞ କମିଟିକୁ ରିପୋର୍ଟ ଦେବାକୁ କହିଛନ୍ତି । ସୂଚନା ଅନୁସାରେ ପ୍ରବେଶିକା ପରୀକ୍ଷାରେ ପଦାର୍ଥ ବିଜ୍ଞାନ ପ୍ରଶ୍ନପତ୍ରରେ କିଛି ଛାତ୍ରଛାତ୍ରୀଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିଲା । ସୁପ୍ରିମ୍‌କୋର୍ଟ ପୂର୍ବରୁ ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ.କୁ ସହରଓ୍ୱାରୀ ଓ ପରୀକ୍ଷା କେନ୍ଦ୍ରଓ୍ୱାରୀ ଫଳାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

*HS*

# ରତ୍ନଭଣ୍ଡାର

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆସନ୍ତା ଦୁଇ ଦିନ ଭିତରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା - ଏ.ଏସ୍.ଆଇ. ଟିମ୍ ଭିତର ରତ୍ନଭଣ୍ଡାରର ସ୍ଥିତି ଯାଂଚ କରିବ।  ସେ କହିଛନ୍ତି, ରତ୍ନଭଣ୍ଡାରରୁ ସବୁ ଅଳଙ୍କାର ସ୍ଥାନାନ୍ତରଣ ହୋଇସାରିଛି। ଏହାପରେ ପ୍ରଥମେ ରତ୍ନଭଣ୍ଡାରର ଅନୁଧ୍ୟାନ କରାଯିବ । ଅନୁଧ୍ୟାନ ପରେ ରତ୍ନ ଭଣ୍ଡାରର ମରାମତି ନେଇ ସମୟ ଧାର୍ଯ୍ୟ କରାଯିବ। ସେହିପରି ଲେଜର ସ୍କାନିଂ ହେବ କି ନାହିଁ ତାହା ଯାଂଚ ପରେ ସ୍ପଷ୍ଟ ହେବ ବୋଲି ଆଇନମନ୍ତ୍ରୀ କହିଛନ୍ତି ।

*Desk*

# ମାଟ୍ରିକ୍ ପରୀକ୍ଷା

ରାଜ୍ୟରେ ଆଜିଠାରୁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷା ପୂର୍ବାହ୍ନ ୯ଟାଠାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ହେବ। ରାଜ୍ୟରେ ୮୩ଟି ପରୀକ୍ଷା କେନ୍ଦ୍ରରେ ୯୭୨ ଜଣ ପରୀକ୍ଷାର୍ଥୀ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଉଛନ୍ତି । ସେହିଭଳି ୧୨୧ଟି

ପରୀକ୍ଷା କେନ୍ଦ୍ରରେ ୨୪ ହଜାର ୫୨୦ ପରୀକ୍ଷାର୍ଥୀ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେଉଛନ୍ତି। ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ।

***Nabarangpur/R***

## କୃଷିବୀମା

ନବରଙ୍ଗପୁର ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ଦୁଇଟି ରଥର ଶୁଭାରମ୍ଭ ହୋଇଛି।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜି.ଭେଙ୍କେଟ ରେଡ୍ଡୀ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଜିଲ୍ଲାର ୧୦ଟି ବ୍ଲକ, ଦୁଇଟି ପୌରପାଳିକାରେ ଏହି ରଥ କୃଷକମାନଙ୍କୁ ଫସଲବୀମା ଯୋଜନା ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଓ ତଥ୍ୟ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀ ପଞ୍ଜିକରଣର ସମୟସୀମା ଚଳିତ ମାସ ୩୧ ତାରିଖ ରଖାଯାଇଛି।

*Nuapada/R*

## ମାଗଣା ସ୍ୱାସ୍ଥ୍ୟ ଶିବିର

ନୂଆପଡ଼ା ଜିଲ୍ଲା ଖଡିଆଳ କଲୋନୀ ସ୍କୁଲ ପରିସର ମଧ୍ୟରେ ମାଗଣା ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ବହୁ ନାଗରିକ ଆସି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି।

*Desk*

## +୨ ନାମଲେଖା

ଚଳିତ ଶିକ୍ଷାବର୍ଷପାଇଁ +୨ ପ୍ରଥମ ବର୍ଷ ପ୍ରଥମ ପର୍ଯ୍ୟାୟ ନାମଲେଖା ଆଜିଠାରୁ ଆରମ୍ଭ ହୋଇଛି । ପ୍ରଥମ ମେଧା ତାଲିକାରେ ୪ ଲକ୍ଷ ୨୬ ହଜାର ୪୭୨ ଜଣ ଛାତ୍ରଛାତ୍ରୀଙ୍କ ଚୟନ ହୋଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ୨୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ଆଜି ନାମଲେଖାର ପ୍ରଥମ ଦିନରେ ସନ୍ଧ୍ୟା ୫ଟା ସୁଦ୍ଧା ୮୩ ହଜାର ୯୨୬ ଜଣ ନାମ ଲେଖାଇଥିବା ସାମ୍ସ ପୋର୍ଟାଲ୍‌ରୁ ଜଣାପଡ଼ିଛି । ଆସନ୍ତା ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ । ଏଥିରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ୭ରୁ ୧୦ ତାରିଖ ମଧ୍ୟରେ ନାମ ଲେଖାଇପାରିବେ ।

ସୂଚନା ଅନୁସାରେ, ରାଜ୍ୟର ୨ ହଜାର ୩୪୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୫ ଲକ୍ଷ ୪୮ ହଜାର ୩୪୫ଟି ସିଟ୍ ରହିଛି ।

***Desk***

## +୩ ନାମଲେଖା

ରାଜ୍ୟରେ ୨୦୨୪-୨୫ ଶିକ୍ଷାବର୍ଷରେ +୩ ନାମଲେଖା ପ୍ରକ୍ରିୟା ଜାରି ରହିଛି । ଆଜି ତୃତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି । ତିନୋଟି ପର୍ଯ୍ୟାୟରେ ୧ ଲକ୍ଷ ୬୬ ହଜାର ୭୪୧ ଜଣ ନାମ ଲେଖାଇଥିବା ଜଣାପଡ଼ିଛି ।

***Rayagada, Boudh, Sambalpur, Bhadrak, Ganjam/R***

## ଜନଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୪୮ଟି ଅଭିଯୋଗର ଶୁଣାଣି କରାଯାଇଛି । ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୪୬ଟି

ଅଭିଯୋଗର ଶୁଣାଣି ହୋଇଥିବାବେଳେ ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟରେ ୭୧ଟି ଅଭିଯୋଗ ମଧ୍ୟରୁ ୧୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୧୫ଟି ଅଭିଯୋଗର ଶୁଣାଣି ହୋଇଛି । ଏହି ଅବସରରେ ରେଡ୍‌କ୍ରସ୍ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଜନଶୁଣାଣି ଶିବିରରେ ୬୩ଟି ଅଭିଯୋଗର ଶୁଣାଣି କରାଯାଇ ତୁରନ୍ତ ସମାଧାନ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

***Met. O.***

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଦୁର୍ବଳ ହୋଇ ସୁଦୃଢ଼ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ  କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର

ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****